# NATIONAL NEWS BULLETIN (ODIA)

## 13 March- 2025

## Mid Bulletin : 1.50 p.m.

---

## ମୁଖ୍ୟ ସମ୍ବାଦ

- ୧୧ତମ ଆନ୍ତର୍ଜାତୀୟ ଯୋଗ ଦିବସର ୧୦୦ଦିନିଆ କାଉଣ୍ଟ୍ ଡାଉନ୍ ଉତ୍ସବ ଉଦ୍‌ଘାଟିତ।

- ରୋହିଙ୍ଗିଆ ଶରଣାର୍ଥୀଙ୍କ ସ୍ଥିତି ଅନୁଧ୍ୟାନ ପାଇଁ ଆଜିଠାରୁ ୪ଦିନିଆ ବାଂଲାଦେଶ ଗସ୍ତରେ ଯାଉଛନ୍ତି ଜାତିସଂଘ ମହାସଚିବ ।

- ଚଳିତମାସ ୧୮ରୁ ୨୦ତାରିଖ ପର୍ଯ୍ୟନ୍ତ ଦକ୍ଷିଣଆଫ୍ରିକା ଅଧ୍ୟକ୍ଷତାରେ ଆୟୋଜିତ ହେବ ପ୍ରଥମ ବୈଠକ ।

- ମହାକାଶକୁ ଉତ୍କ୍ଷେପଣ ହେବାକୁ ଥିବା ସ୍ପେସ୍-ଏକ୍ସର ଉଡାଣ ବୈଷୟିକ ତ୍ରୁଟି ଯୋଗୁଁ ସ୍ଥଗିତ ।

ଏବଂ

- ମହିଳା ପ୍ରିମିୟର ଲିଗ୍‌ରେ ଆଜି ମୁହାଁମୁହିଁ ହେବେ ମୁମ୍ବାଇ ଇଣ୍ଡିଆନ୍ସ ଓ ଗୁଜରାଟ ଜାଏଣ୍ଟସ୍ ।

# ଯୋଗ ମହୋତ୍ସବ

କେନ୍ଦ୍ର ଆୟୁଷ ମନ୍ତ୍ରୀ ପ୍ରତାପରାଓ ଯାଦବ ଆଜି ନୂଆଦିଲ୍ଲୀରେ ୧୧ତମ ଆନ୍ତର୍ଜାତୀୟ ଯୋଗ ଦିବସର ୧୦୦ଦିନିଆ କାଉଣ୍ଟ୍ ଡାଉନ୍ ଅବସରରେ ଆୟୋଜିତ ଉତ୍ସବକୁ ଉଦ୍‌ଘାଟନ କରିଛନ୍ତି । ଆସନ୍ତା ଜୁନ୍ ୨୧ରେ ଆନ୍ତର୍ଜାତିକ ଯୋଗଦିବସ ପାଳନର ଆଜିଠାରୁ ୧୦୦ଦିନିଆ କାଉଣ୍ଟ୍ ଡାଉନ୍ ଆରମ୍ଭ ହୋଇଛି । ଏହି ୧୦୦ ଦିନ ମଧ୍ୟରେ ଦେଶର ବିଭିନ୍ନ ସ୍ଥାନରେ ୧୦ଟି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଏଥିରେ ୧୦ଟି ଅଂଶୀଦାର ଦେଶ ସହ ଯୋଗ ବନ୍ଧନ କାର୍ଯ୍ୟକ୍ରମ ଜରିଆରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ହେବ । ଅନ୍ୟପକ୍ଷରେ ଦେଶର ୧୦ହଜାରଟି ସ୍ଥାନରେ ଯୋଗ ସଂଗମ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଶ୍ରୀ ଯାଦବ ସୂଚନା ଦେଇଛନ୍ତି ।

ଯୋଗ ଏବଂ ଏହାର ବିଶ୍ୱସ୍ତରୀୟ ପ୍ରଭାବ ଉପରେ ଶ୍ରୀ ଯାଦବ କହିଛନ୍ତି ବିଶ୍ୱର ୩୦କୋଟି ଲୋକ ଯୋଗାଭ୍ୟାସ କରୁଛନ୍ତି ଓ ଏହା ଲୋକମାନଙ୍କୁ ଉପକୃତ କରିଛି ।

# ୟୁଏନ୍-ସେକ୍ରେଟାରୀ ବାଂଲାଦେଶ

ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ ଆଜିଠାରୁ ୪ଦିନିଆ ବାଂଲାଦେଶ ଗସ୍ତରେ ଯାଉଛନ୍ତି । ଏହି ଗସ୍ତ କାଳରେ ସେ ବାଂଲାଦେଶରେ ରୋହିଙ୍ଗିଆ ଶରଣାର୍ଥୀଙ୍କ ଶିବିରର ସ୍ଥିତି ଅନୁଧ୍ୟାନ କରିବେ । ଜାତିସଂଘ

ମହାସଚିବଙ୍କ ମୁଖ୍ୟ ପରାମର୍ଶଦାତା ଡକ୍ଟର ୟୁନୁସଙ୍କ ପ୍ରେସ୍ ସଚିବ ଏକ ବାର୍ତ୍ତାରେ କହିଛନ୍ତି ଏହି ଗସ୍ତ ରୋହିଙ୍ଗିଆ ଶରଣାର୍ଥୀଙ୍କ ପାଇଁ ଅଧିକ ଖାଦ୍ୟ ସହାୟତା ସଂଗ୍ରହ କରିବା ଏବଂ ରୋହିଙ୍ଗିଆ ଶଙ୍କଟର ସମାଧାନ ପାଇଁ ଅନ୍ତର୍ଜାତୀୟ ପ୍ରୟାସକୁ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି । ବାଂଲାଦେଶର ବୈଦେଶିକ ମନ୍ତ୍ରଣାଳୟ ଅଧିକାରୀମାନେ କହିଛନ୍ତି ଜାତିସଂଘ ମହାସଚିବ ଆସନ୍ତାକାଲି ରାତିରେ ସେଠାକାର ମଧ୍ୟବର୍ତ୍ତୀକାଳୀନ ସରକାର ମୁଖ୍ୟ ଡକ୍ଟର ମହମ୍ମଦ ୟୁନୁସଙ୍କ ସହ ବୈଠକ କରିବେ । ସେଠାରୁ ସେମାନେ କକ୍ସ ବଜାର ଯାଇ ରୋହିଙ୍ଗିଆ ମାନଙ୍କ ସ୍ଥିତି ଅନୁଧ୍ୟାନ କରିବେ । ସୂଚନାଯୋଗ୍ୟ ବାଂଲାଦେଶରେ ଉପୁଜିଥିବା ପରିସ୍ଥିତି ଯୋଗୁଁ ରୋହିଙ୍ଗିଆ ସଙ୍କଟ ବୃଦ୍ଧି ପାଇବାରେ ଲାଗିଛି । ଏହାର ସମାଧାନ ପାଇଁ ଜାତିସଂଘ ମହାସଚିବ ବାର୍ତ୍ତା ଦେବେ ବୋଲି ବାଂଲାଦେଶ ସରକାର ଆଶା ରଖିଛନ୍ତି ।

## ସାଉଥ୍ ଆଫ୍ରିକା ଜି-୨୦

ଚଳିତମାସ ୧୮ରୁ ୨୦ ତାରିଖ ପର୍ଯ୍ୟନ୍ତ ଦକ୍ଷିଣ ଆଫ୍ରିକା ଅଧ୍ୟକ୍ଷତାରେ ପ୍ରଥମ ଜି-୨୦ ବାଣିଜ୍ୟ ଓ ନିବେଶ କାର୍ଯ୍ୟକାରୀ ଗୋଷ୍ଠୀ ବୈଠକ ଆୟୋଜନ ହେବ । ଆଭାସୀ ଜରିଆରେ ହେବାକୁ ଥିବା ବୈଠକରେ ଜି-୨୦ ସଦସ୍ୟ ଦେଶ ସହିତ ୟୁରୋପୀୟ ସଂଘ ଏବଂ ଆଫ୍ରିକୀୟ ସଂଘର

ଦେଶଗୁଡ଼ିକ ସାମିଲ ହେବେ । ଦକ୍ଷିଣ ଆଫ୍ରିକାର ବାଣିଜ୍ୟ ଓ ଶିଳ୍ପ ବିଭାଗର ଉପ ମହାନିର୍ଦ୍ଦେଶକ ତଥା ରାଷ୍ଟ୍ରଦୂତ ଜୋଲେଲଓ୍ୱା ମଲୁମ୍ବି ପିଟର କହିଛନ୍ତି ବାଣିଜ୍ୟ ଏବଂ ପୁଞ୍ଜିନିବେଶ କାର୍ଯ୍ୟକାରୀ ଗୋଷ୍ଠୀର ପ୍ରସ୍ତାବିତ ୪ଟି ବୈଠକ ମଧ୍ୟରୁ ଏହା ପ୍ରଥମ ବୈଠକ ହେବ । ପ୍ରଥମ ଅଧିବେଶନରେ ବିଶ୍ୱ ବାଣିଜ୍ୟ ସଂଗଠନ, ଜାତିସଂଘ ବାଣିଜ୍ୟ ଓ ବିକାଶ ସଂଗଠନ, ଅର୍ଥନୈତିକ ସହଯୋଗ ଓ ବିକାଶ ସଂଗଠନ ଏବଂ ଆଫ୍ରିକୀୟ ଆଞ୍ଚଳିକ ସମୁଦାୟ ଭଳି ଆନ୍ତର୍ଜାତିକ ସଂଗଠନ ଗୁଡ଼ିକ ଯୋଗଦେବେ । ସୂଚନାଯୋଗ୍ୟ ଗତବର୍ଷ ଡିସେମ୍ବରରେ ଦକ୍ଷିଣ ଆଫ୍ରିକା ଜି-୨୦ର ଆନୁଷ୍ଠାନିକ ଭାବେ ଅଧ୍ୟକ୍ଷ ପଦ ଗ୍ରହଣ କରିଥିଲା । ଏହାର ଶୀର୍ଷକ ରହିଛି 'ସଂଗତି, ସମାନତା ଓ ସ୍ଥାୟୀତ୍ୱ' ।

## ସ୍ପେସେକ୍ସ ମିଶନ ପୋଷ୍ଟପୋନ

ମହାକାଶରେ ଆବଶ୍ୟକତାଠାରୁ ଅଧିକ ସମୟ ଧରି ରହିଥିବା ଆମେରିକୀୟ ମହାକାଶଚାରୀ ସୁନୀତା ୱିଲିୟମ୍ସ ଏବଂ ବୁଚ୍ ୱିଲମୋରଙ୍କୁ ଫେରାଇ ଆଣିବା ଲାଗି ଗତକାଲି ହେବାକୁ ଥିବା ଉଡାଣକୁ ସ୍ଥଗିତ ରଖାଯାଇଛି । ଅନ୍ତର୍ଜାତୀୟ ମହାକାଶ ଷ୍ଟେସନକୁ ସ୍ପେସ୍ ଏକ୍ସର ନିର୍ଦ୍ଧାରିତ ଉଡାଣକୁ ଶେଷ ମୁହୂର୍ତ୍ତରେ ବୈଷୟିକ ତ୍ରୁଟି ଯୋଗୁଁ ସ୍ଥଗିତ ରଖାଯାଇଥିବା ଜଣାପଡିଛି । ଏଥିରେ ୪ଜଣ ମହାକାଶଚାରୀଙ୍କୁ ଆନ୍ତର୍ଜାତୀୟ ମହାଶ ଷ୍ଟେସନକୁ ପଠାଯାଇଥାନ୍ତା । ସୂଚନା ଅନୁଯାୟୀ ସୁନୀତା ଏବଂ ବୁଚ୍ ମାତ୍ର

୮ ଦିନ ପାଇଁ ମହାକାଶରେ ରହି ଗବେଷଣା କରିବା ନିର୍ଦ୍ଧାରିତ ହୋଇଥିଲେ ମଧ୍ୟ ଷ୍ଟାର୍ ଲାଇନରରେ ତ୍ରୁଟି ଯୋଗୁଁ ଦୀର୍ଘ ୯ ମାସ ହେବ ଉଭୟ ସେଠାରେ ଅଛନ୍ତି ।

ବିଳମ୍ବ ସତ୍ତ୍ୱେ ଉଭୟ ମହାକାଶଚାରୀ ସୁରକ୍ଷିତ ରହିଛନ୍ତି ବୋଲି ନାଶା ସୂଚନା ଦେଇଛି । ଇତିମଧ୍ୟରେ ମହାକାଶ ଷ୍ଟେସନର ଅନ୍ୟ ସଦସ୍ୟଙ୍କ ସହ ସେମାନେ ଗବେଷଣା ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ଜାରି ରଖିଛନ୍ତି ।

## ପୁଟିନ-କୃଷକ ଭିଜିଟ୍

ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଗତକାଲି ଅଚାନକ ଦେଶର ପଶ୍ଚିମାଞ୍ଚଳ କୁର୍ସ୍କ ଗସ୍ତ କରିଥିଲେ । ସେହି ଅଞ୍ଚଳକୁ ୟୁକ୍ରେନ ସେନା ଦଖଲ କଲାପରେ ପ୍ରଥମଥର ପାଇଁ ପୁଟିନ ସେଠାକୁ ଯାଇଥିଲେ । ଗସ୍ତ ସମୟରେ ରାଷ୍ଟ୍ରପତି ପୁଟିନ ରୁଷୀୟ ସେନାଦ୍ୱାରା ବ୍ୟବହୃତ ହେଉଥିବା ଏକ ନିୟନ୍ତ୍ରଣ କେନ୍ଦ୍ର ପରିଦର୍ଶନ କରିବା ସହ ସେନାମୁଖ୍ୟଙ୍କ ଠାରୁ ରିପୋର୍ଟ ଗ୍ରହଣ କରିଥିଲେ । ଅବଶିଷ୍ଟ ଅଞ୍ଚଳକୁ ଯଥାଶୀଘ୍ର ୟୁକ୍ରେନ ନିୟନ୍ତ୍ରଣରୁ ପୁନରୁଦ୍ଧାର କରିବା ପାଇଁ ପ୍ରୟାସ ଜୋର୍‌ଦାର କରିବାକୁ ଶ୍ରୀ ପୁଟୀନ ସେନାକୁ ନିର୍ଦ୍ଦେଶ ଦେଇଛନ୍ତି ।

ୟୁକ୍ରେନ ସମର୍ଥିତ ୩୦ଦିନିଆ ଅସ୍ତ୍ରବିରତି ପ୍ରସ୍ତାବ ଉପରେ ବିଚାର କରିବାକୁ ୱାଶିଂଟନ ଅନୁରୋଧ କରିବା ପରେ ପୁଟିନ ଏହି ଗସ୍ତ କରିଛନ୍ତି ।

# ଆର୍‌ବିଆଇ-ଏସ୍‌ଆର୍‌ଓ ଏଏ

ଭାରତୀୟ ରିଜର୍ଭ ବ୍ୟାଙ୍କ ଆକାଉଣ୍ଟ ଏଗ୍ରିଗେଟର ଇକୋ ସିଷ୍ଟମର ତଦାରଖ ପାଇଁ ଏକ ସ୍ୱୟଂ ନିୟାମକ ସଂଗଠନ ନିମନ୍ତେ ଆବେଦନ ଆହ୍ୱାନ କରିଛି । ଆର୍‌ବିଆଇ ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତି ଅନୁଯାୟୀ ଇଚ୍ଛୁକ ଆବେଦନକାରୀମାନେ ଚଳିତବର୍ଷ ଜୁନ୍ ୧୫ ତାରିଖ ସୁଦ୍ଧା ପ୍ରବାହ ପୋର୍ଟାଲ ଜରିଆରେ ଆବେଦନ କରିପାରିବେ । ଆର୍‌ବିଆଇ କହିଛି ଆବେଦନଗୁଡ଼ିକ ସଂପୂର୍ଣ୍ଣ ସୂଚନା ମୁତାବକ ହେବା ଉଚିତ୍ । ଆବେଦନ ଅବଧି ମଧ୍ୟରେ ସମସ୍ତ ଯୋଗ୍ୟ ଆବେଦନଗୁଡ଼ିକୁ ବିଚାରକୁ ନିଆଯାଇ ସ୍ୱୀକୃତି ପ୍ରଦାନ ସମ୍ପର୍କରେ ନିଷ୍ପତ୍ତି ଗ୍ରହଣ କରାଯିବ । ଏଥିରେ ରିଜର୍ଭ ବ୍ୟାଙ୍କର ନିଷ୍ପତ୍ତି ଚୂଡାନ୍ତ ହେବ । ଏହାବ୍ୟତୀତ ରିଜର୍ଭ ବ୍ୟାଙ୍କ ଇନ୍‌ଫରମେସନ ଟେକ୍ନୋଲୋଜି ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ବୈଷୟିକ ନୀତି ପ୍ରସ୍ତୁତ କରାଯାଇ ପ୍ରକାଶ କରାଯିବ ବୋଲି ଜଣାପଡିଛି ।

# ହୋଲି ସେଲିବ୍ରେସନ

ହୋଲି ପର୍ବ କେବଳ ରଙ୍ଗ ଓ ଅଭିରରେ ସୀମିତ ନୁହେଁ । ଭାରତର ବିଭିନ୍ନ ରାଜ୍ୟରେ ଏହା ଭିନ୍ନ ଭିନ୍ନ ନାମରେ ଅନନ୍ୟ ପରମ୍ପରା ସହ ପାଳନ କରାଯାଏ । କେଉଁଠାରେ ଲଠମାର ହୋଲି ଖେଳାଯାଉଥିବାବେଳେ ଅନ୍ୟ କେଉଁଠି ଲୋକଗୀତ ଗାୟନ ସହ ଖଡ଼ି ହୋଲି ପାଳନ କରାଯାଏ । ଉତ୍ତରପ୍ରଦେଶରେ ନନ୍ଦ ଗାଁରେ ଲୋକମାନେ ଭଗବାନ ଶ୍ରୀକୃଷ୍ଣ ଏବଂ

ଗାୟାଳ ପୁଅ ବେଶରେ ହୋଲି ଖେଳିବା ପାଇଁ ବର୍ଷାନାକୁ ଆସିଥାନ୍ତି । ଯେଉଁଠାରେ ଗାଁର ମହିଳାମାନେ ସେମାନଙ୍କୁ ବାଡିରେ ସ୍ୱାଗତ କରିଥାନ୍ତି । ମଧ୍ୟପ୍ରଦେଶରେ ଗେର୍ ବାହାର କରିବାର ପରମ୍ପରା ରହିଛି । ଯେଉଁଠାରେ ଲୋକମାନେ ରଙ୍ଗ ଲଗାଇ ହୋଲି ପାଳନ କରନ୍ତି । ଉତ୍ତରାଖଣ୍ଡରେ ଲୋକମାନେ ପାରମ୍ପରିକ ପୋଷାକରେ ମନ୍ଦିର ଓ ସାର୍ବଜନୀନ ସ୍ଥାନକୁ ଯାଇ ଲୋକଗୀତ ପରିବେଷଣ କରିଥାନ୍ତି । ଏହାକୁ ବୈଥାକି କୁହାଯାଏ ।

ସେହିପରି ପଞ୍ଜାବରେ ନିହଙ୍ଗମାନେ ଆନନ୍ଦପୁର ସାହିବ୍‌ରେ ବିଭିନ୍ନ କାରୁକାର୍ଯ୍ୟ ପ୍ରଦର୍ଶନ ପୂର୍ବକ ହୋଲାମୋହଲା ପର୍ବ ପାଳନ କରିଥାନ୍ତି । ତାମିଲନାଡୁରେ ଭଗବାନ ବିଷ୍ଣୁଙ୍କ ମନ୍ଦରରେ ତୀର୍ଥୱାରୀ ଆୟୋଜନ କରାଯାଇଥାଏ । ମଣିପୁରରେ ଢ଼ୋଲ ବାଦ୍ୟରେ କୃଷ୍ଣ ଦର୍ଶନ କରାଯାଉଥିବା ପରମ୍ପରା ରହିଛି ।

ରାଜସ୍ଥାନରେ ହୋଲି ପର୍ବକୁ ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଉଛି । ଆଜି ସଂଧ୍ୟାରେ ରାଜସ୍ଥାନର ସହର ଓ ଗାଁର ବିଭିନ୍ନ ସ୍ଥାନରେ ଏହି ଉପଲକ୍ଷେ 'ହୋଲି କା ଦହନ' ଅନୁଷ୍ଠିତ ହେବ । ପରମ୍ପରା ଅନୁଯାୟୀ ଆଜି ସଂଧ୍ୟାରେ ବିଭିନ୍ନ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଅନୁଷ୍ଠିତ ହେବ । ଜୟପୁରର ଗୋବିନ୍ଦ ଦେବଜୀ ମନ୍ଦିର ଏବଂ ନାଥ ଦ୍ୱାରର ଶ୍ରୀନାଥଜୀ ମନ୍ଦିରରେ ଫୁଲ ଓ ଅବିରରେ ହୋଲି ଖେଳିବାକୁ ଭକ୍ତମାନେ ପହଞ୍ଚୁଛନ୍ତି । ଆଜ୍‌ମେର ନିକଟରେ ପୁଷ୍କରଠାରେ ଏଥିଲାଗି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି । ସେଠାରେ ହଜାର ହଜାର ସଂଖ୍ୟାରେ ଦେଶୀ ଓ ବିଦେଶୀ ପର୍ଯ୍ୟଟକମାନେ ହୋଲି ପାଳନ କରିବେ ।

ଆସନ୍ତାକାଲି ଧୂଳନ୍ଦି ଅବସରରେ ସାରା ରାଜ୍ୟରେ ହୋଲି ପାଳିତ ହେବ । ଏହାକୁ ଦୃଷ୍ଟିରେ ରଖି ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଆୟୋଜନ କରାଯାଇଛି ।

ପଶ୍ଚିମବଙ୍ଗରେ ଶାନ୍ତି ଓ ଶୃଙ୍ଖଳାର ସହ ହୋଲି ପର୍ବ ପାଳନ ପାଇଁ ସରକାରଙ୍କ ପକ୍ଷରୁ ଆହ୍ୱାନ ଦିଅଯାଇଛି । ପ୍ରଥମଥର ପାଇଁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଅଧ୍ୟକ୍ଷତାରେ ଗତକାଲି ଅନୁଷ୍ଠିତ ବୈଠକରେ ସବୁ ସମ୍ପ୍ରଦାୟର ପ୍ରତିନିଧିମାନେ ଯୋଗ ଦେଇଥିଲେ । ବୈଠକରେ ଭାଇଚାରା ଓ ଏକତାର ସହ ରଙ୍ଗର ପର୍ବ ହୋଲି ପାଳନ କରିବା ପାଇଁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅନୁରୋଧ କରିଥିଲେ ।

## ବ୍ୟାଡ୍‌ମିଣ୍ଟନ

ବର୍ମିଂହାମ୍ ଠାରେ ଚାଲିଥିବା ଇଂଲଣ୍ଡ ଓପନ୍ ଚାମ୍ପିୟନ୍‌ସିପ୍‌ରେ ଆଜି ଅନେକ ଭାରତୀୟ ବ୍ୟାଡ୍‌ମିଣ୍ଟନ୍ ଖେଳାଳି ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ । ପୁରୁଷ ସିଙ୍ଗଲ୍ସରେ ଲକ୍ଷ୍ୟ ସେନ ତୃତୀୟ ମାନ୍ୟତାପ୍ରାପ୍ତ ଇଣ୍ଡୋନେସିଆର ଜନାଥନ କ୍ରିଷ୍ଟିଙ୍କୁ ଭେଟିବେ । ମହିଳା ସିଙ୍ଗଲ୍ସରେ ବିଶ୍ୱର ୨୮ତମ ମାନ୍ୟତାପ୍ରାପ୍ତ ମାଳବିକା ବଂଶୋଦ ତୃତୀୟ ମାନ୍ୟତାପ୍ରାପ୍ତ ଜାପାନର ଆକାନେ ୟାମାଗୁଚିଙ୍କ ସହ ମୁକାବିଲା କରିବେ ।

ପୁରୁଷ ଡବଲ୍ସରେ ସପ୍ତମ ମାନ୍ୟତା ପ୍ରାପ୍ତ ସାତ୍ୱୀକ ସାଇରାଜ ରାଙ୍କି ରେଡ୍ଡୀ ଓ ଚିରାଗ୍ ସେଟ୍ଟୀ ଆଜି ଅପରାହ୍ଣରେ ସି ହାଓ ନାନ୍ ଏବଂ ଜେଙ୍ଗ୍ ୱି ହାନ୍‌ଙ୍କ ବିପକ୍ଷରେ ଅବତୀର୍ଣ୍ଣ ହେବେ ।

ମହିଳା ଡବଲ୍ସରେ ଭାରତୀୟ ଯୋଡ଼ି ତ୍ରିସା ଜଲି ଏବଂ ଗାୟତ୍ରୀ ଗୋପୀଚାନ୍ଦଙ୍କ ମୁକାବିଲା ଦକ୍ଷିଣ କୋରିଆର ଅଷ୍ଟମ ମାନ୍ୟତାପ୍ରାପ୍ତ ଯୋଡ଼ି

କିଙ୍ଗ୍ ହେ ଜିଓଙ୍ଗ ଓ କଙ୍ଗ୍ ହି ୟୋଙ୍ଗଙ୍କ ସହ ହେବ । ଆଜି ମଧ୍ୟ ମିକ୍ସ ଡବଲ୍ସରେ ଭାରତର ରୋହନ କପୁର ଓ ରୁଥିକା ଗାଡ଼େ ପଞ୍ଚମ ମାନ୍ୟତାପ୍ରାପ୍ତ ଚୀନ୍ ଯୋଡ଼ି ଓ୍ୱେଇ ୟା ଜିନ୍ ଏବଂ ଫେଙ୍ଗ୍ ୟାନ୍ ଜେଙ୍କୁ ଭେଟିବେ ।

## ଡବ୍ଲ୍ୟୁପିଏଲ୍-କ୍ରିକେଟ୍

ମହିଳା ପ୍ରିମିୟରଲିଗ୍ କ୍ରିକେଟ୍‌ରେ ଆଜି ମୁମ୍ବାଇର ବ୍ରାବୋର୍ଣ୍ଣ ଷ୍ଟାଡିୟମ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ଏବଂ ଗୁଜରାଟ ଜାଏଣ୍ଟସ୍ ମଧ୍ୟରେ ମ୍ୟାଚ୍ ଖେଳାଯିବ । ଭାରତୀୟ ସମୟ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଏହି ଏଲିମିନେଟର ପର୍ଯ୍ୟାୟ ମ୍ୟାଚ୍ ଅନୁଷ୍ଠିତ ହେବ । ପଏଣ୍ଟ ତାଲିକାରେ ଦିଲ୍ଲୀ କ୍ୟାପିଟାଲ୍ସ ସର୍ବାଧିକ ୧୦ ପଏଣ୍ଟ ସହ ଫାଇନାଲ୍‌ରେ ସ୍ଥାନ ସୁରକ୍ଷିତ ରଖିଥିବା ବେଳେ ମୁମ୍ବାଇ ଇଣ୍ଡିଆନ୍ସ ଦ୍ୱିତୀୟ ଏବଂ ଗୁଜରାଟ ଜାଏଣ୍ଟସ୍ ତୃତୀୟ ସ୍ଥାନରେ ରହିଛନ୍ତି । ଆଜିର ମ୍ୟାଚ୍‌ରେ ଯେଉଁ ଦଳ ଜିତିବ ସେହି ଦିଲ୍ଲୀ କ୍ୟାପିଟାଲ୍ସ ସହ ଫାଇନାଲ୍ ମ୍ୟାଚ୍ ଖେଳିବ ।